ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧/୨୦୧୮ (୨୦ ପୃଷ୍ଠା + ମେଟ୍ରୋ ମିଜାଜ)    Bhubaneswar, Thursday, March 1 / 2018

# ବିଜିୟୁରେ ଜାତୀୟ ସମ୍ମିଳନୀ




**ଭୁବନେଶ୍ୱର, ୨୮।୨(ବ୍ୟୁରୋ)**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ) ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଏକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସମୟରେ ଘରୋଇ ବଜାରର ସେବା ଏବଂ ନିର୍ମାଣ କ୍ଷେତ୍ରରେ ବୃଦ୍ଧି ହେଉଥିବା ପରିଚାଳନାଗତ ପ୍ରତିଯୋଗିତା ଭଳି ପ୍ରମୁଖ ପ୍ରସଙ୍ଗ ଏହି କାର୍ଯ୍ୟକ୍ରମର ପ୍ରମୁଖ ଆଲୋଚନାର ବିଷୟ ରହିଥିଲା। ପରିଚାଳନାଗତ ପ୍ରତିଯୋଗିତାର ବିଭିନ୍ନ ଦିଗ ତଥା ଅସୁବିଧା ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇ ଥିଲା। କାର୍ଯ୍ୟକ୍ରମରେ ବିପିୟୁଟିର ପୂର୍ବତନ କୁଳପତି ଓମକାର ନାଥ ମହାନ୍ତି ଯୋଗଦେଇ ବ୍ୟବସାୟ ଉତ୍କର୍ଷତା, ଅଡିଟ ବ୍ୟବସ୍ଥା, ଗ୍ରାହକ ସନ୍ତୁଷ୍ଟି, ଗୁଣବତ୍ତା ଖର୍ଚ୍ଚ ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସୁଯୋଗକୁ ସଦୋପଯୋଗ କରିବା ଉପରେ ଅନୁଷ୍ଠାନର କୁଳପତି ସୁଧାକର ପଣ୍ଡା ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଜଣାଇଥିଲେ। ଏଥିରେ କମ୍ପାନୀଗୁଡିକର ନବୀକରଣ, ବୈଷୟିକ ଗବେଷଣା ଏବଂ ବିକାଶ, ଉଦ୍ୟୋଗ ନୀତି, ଅନ୍ତର୍ଜାତୀୟ ସ୍ତରର ପ୍ରତିଦ୍ୱନ୍ଦ୍ୱିତା, ଅପରେଶନ ମ୍ୟାନେଜମେଣ୍ଟର ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଫେସର ମଣିଦତ୍ତ ରାଏଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ତଥା ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
କଟକ | ସମ୍ବଲପୁର | ବିଶାଖାପାଟଣା | କଲିକତା | ରାଉରକେଲା | ଭୁବନେଶ୍ୱର | ବ୍ରହ୍ମପୁର | ବାଲେଶ୍ୱର | ଅନୁଗୋଳ | କୋରାପୁଟରୁ ପ୍ରକାଶିତ
98 YEARS OF PUBLICATION Daily Edition: R.N.I. No. 4005/57 P.R. No. CK(C)/17/2018-2020
■ Cuttack, Sunday 11 March 2018 ★★★ ■ କଟକ, ରବିବାର ୧୧ ମାର୍ଚ୍ଚ ୨୦୧୮ ■ ଭାଗ- ୮୯ ସଂଖ୍ୟା- ୬୬ ■ ଆଜି କୁମ୍ଭ ୨୭ ଦିନ, ୧୪୨୫ ସାଲ ■ ଫାଲ୍‌ଗୁନ ୨୦ ଦିନ, ୧୯୩୯ ଶକାବ୍ଦ, କୃଷ୍ଣପକ୍ଷ ନବମୀ ■ www.thesamaja.com www.samajaepaper.com ଟ ୫.୦୦ (୨୦+ରବିବାର ୮ ପୃଷ୍ଠା)

# ବିଜିୟୁରେ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୧୦।୩: ବିର୍ଲା ଗ୍ଲୋବାଲ୍ ୟୁନିଭରସିଟି ପକ୍ଷରୁ ଭାରତୀୟ ଉଦ୍ୟୋଗ କ୍ଷେତ୍ରରେ ଏକବିଂଶ ଶତାବ୍ଦୀରେ ସେବା ଓ ନିର୍ମାଣ କ୍ଷେତ୍ରରେ ବୃଦ୍ଧି ପାଉଥିବା ପରିଚାଳନାଗତ ପ୍ରତିଯୋଗିତା ଉପରେ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ପ୍ରଫେସର, ଗବେଷକ, ଉଦ୍ୟୋଗୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ସେବା ଓ ନିର୍ମାଣ କ୍ଷେତ୍ରରେ ପରିଚାଳନାଗତ ପ୍ରତିଯୋଗିତା ଉପରେ ସୃଷ୍ଟି ହେଉଥିବା ଅସୁବିଧାକୁ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବିପିୟୁଟିର ପୂର୍ବତନ କୁଳପତି ଡ. ଓମ୍‌କାର ନାଥ ମହାନ୍ତି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡ. ସୁଧାକର ପଣ୍ଡା ଏହି ପ୍ରକାରର ଜାତୀୟ ସମ୍ମିଳନୀର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ଛାତ୍ରଛାତ୍ରୀମାନେ ଏପରି ସୁଯୋଗର ସଦୁପଯୋଗ କରିବା ନେଇ କହିଥିଲେ। କର୍ମଶାଳାର ସଂଯୋଜକ ପ୍ରଫେସର ମଣିଦତ୍ତ ରାୟ କାର୍ଯ୍ୟକ୍ରମ ଆରମ୍ଭରେ ସେମିନାର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ।

